بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୩ ଫେବୃଆରୀ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ସତ୍ୟବାଦୀ ଦାସ ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କ ଈଶ୍ୱରଭକ୍ତିର ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ସାମ୍ପ୍ରତିକ ଯୁଗରେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ପବିତ୍ର ଶିକ୍ଷାର କେବଳ ମହାଭାଗଙ୍କ ସତ୍ୟନିଷ୍ଠ ଦାସ ହଜରତ ମସିହ ମଉଦ[ଅ.ସ] ହିଁ ସର୍ବାଧିକ ଅନୁକରଣ କରୁଥିବାର ଦୃଶ୍ୟମାନ ହେଉଅଛି । ହୁଜୁର[ସ.ଅ]ଙ୍କ ଉପାସନା ଓ ଏଥି ସଂକ୍ରାନ୍ତରେ ଉପଦେଶାବଳୀ ଗତ ଖୁତ୍‌ବାରେ ବର୍ଣ୍ଣନା କରାଯାଇଥିଲା । ଆଜି ହଜରତ ମସିହ ମଉଦ[ଅ.ସ]ଙ୍କ ଉପାସନାର ସେହି ଘଟଣାବଳୀ ଉପସ୍ଥାପନ କରିବି ଯାହାକି ପୁଣ୍ୟଶ୍ଳୋକଙ୍କ ଅନୁସରଣରେ ଆମକୁ ଦେଖିବାକୁ ମିଳିଥାଏ ।

ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ବର୍ଣ୍ଣନା କରନ୍ତି । ହଜରତ ମିର୍ଜା ମୁହମ୍ମଦ୍‌ଦିନ୍ ସାହେବ[ର.ଅ] ମୋତେ ପତ୍ର ଲେଖି ଅବଗତ କରାଇଥିଲେ, ଯେ ମୁଁ ନିଜ ବାଲ୍ୟକାଳରୁ ହଜରତ ମସିହ ମଉଦ[ଅ.ସ]ଙ୍କୁ ଦେଖି ଆସୁଛି । ସର୍ବପ୍ରଥମେ ମୁଁ ହୁଜୁର[ଅ.ସ]ଙ୍କୁ ତାଙ୍କ ପିତା ହଜରତ ମିର୍ଜା ଗୁଲାମ ମୁର୍‌ତେଜା ସାହେବଙ୍କ କାଳରେ ଦେଖି ଥିଲି, ଯେତେବେଳେ କି ମୁଁ ଶୈଶାବସ୍ଥାରେ ଥିଲି । ହୁଜୁର[ଅ.ସ]ଙ୍କର ଅଭ୍ୟାସ ଥିଲା ଯେ ରାତିରେ ଇଶା ନମାଜ୍ ପରେ ଶୀଘ୍ର ଶୟନ କରୁଥିଲେ ଓ ମଧ୍ୟରାତ୍ରୀରେ ଅର୍ଥାତ୍ ରାତ୍ରୀ ୧ ଘଟିକା ସମୟରେ ତହ୍‌ଜୁଦ୍ (ନମାଜ୍ ପାଠ କରିବାକୁ) ଜାଗ୍ରତ ହେଉଥିଲେ । ଆଉ ହୁଜୁର ତହ୍‌ଜୁଦ୍ (ନମାଜ୍ ପାଠ କରିବା ପରେ ପବିତ୍ର କୁରଆନର ଆବୃତ୍ତି କରୁଥିଲେ, ଏପରିକି ପ୍ରାତଃ କାଳୀନ ନମାଜ୍‌ର ଅଜାନ୍ ହେଉଥିଲା । ତା'ପରେ ନମାଜ୍ ପାଠ କରିବାକୁ ହୁଜୁର[ଅ.ସ] ମସଜିଦ୍ ଚାଲି ଯାଉଥିଲେ ଓ ସାମୂହିକ ନମାଜ୍‌ରେ ସାମିଲ ହେଉଥିଲେ । କଦାଚିତ ନିଜେ ନମାଜ୍ ପଢ଼ାଉ ଥିଲେ ତ କେବେ ଇମାମ୍ ମସଜିଦ୍ ଅର୍ଥାତ୍ ଶ୍ରୀମାନ ମିଆଁ ଜାନ୍ ମୁହମ୍ମଦ ସାହେବ ପଢ଼ାଇ ଦେଉଥିଲେ । ମୁଁ ହୁଜୁର[ଅ.ସ]ଙ୍କୁ ମସଜିଦ୍‌ରେ ସୁନ୍ନତ୍ ନମାଜ୍ ପାଠ କରୁଥିବାର ଦେଖି ନାହିଁ । ହଜରତ ମସିହ ମଉଦ[ଅ.ସ] କୁହନ୍ତି;

ମୁଁ କଦାପି କଠିନ ପରିଶ୍ରମ କରି ନାହିଁ । ଆଉ ନା କଦାଚିତ ଚଳିତ ଯୁଗର ସାଧୁସନ୍ଥଙ୍କ ପରି ଘୋର ସାଧନା ଓ ତପ କରିବାରେ ନିମର୍ଜ୍ଜିତ ହୋଇଛି । ନା କଦାପି ଏକାନ୍ତବାସ କରିଛି । ନା ସୁନ୍ନତ୍ ବିପରୀତ ବୈରାଗୀଙ୍କ ପରି ସଂସାର ତ୍ୟାଗ କରିଅଛି । ଯଦ୍ଦ୍ୱାରା ଈଶ୍ୱରଙ୍କ ବାଣୀ ଉପରେ ଆପତ୍ତି କରିବାର (କାହାରିକୁ) ଅବସର ମିଳିବ । ମହାମହିମ ହୁଜୁର ଅନୱ୍ୱର[ଅ.ବ] କହିଲେ; ହଜରତ ମସିହ

ମଉଦ[ଅ.ସ] ନିଜ ପିତାଙ୍କ ଦେହାନ୍ତ ସମୟରେ ନିଜର ଏକ ଅଭ୍ୟାସର ଘଟଣା ବ୍ୟାଖ୍ୟା କରି କୁହନ୍ତି; ଯହିଁରେ ହୁଜୁର[ଅ.ସ] ଜଣେ ପୁଣ୍ୟବାନଙ୍କୁ ସ୍ୱପ୍ନରେ ଦେଖିଥିଲେ । ଯିଏକି ଏହି ମତ ପ୍ରକାଶ କଲେ କି ଅବତାରମାନଙ୍କର ଏହି ସୁନ୍ନତ ଓ ପରମ୍ପରା ରହିଛି, ଯେ ଉପବାସ କରିବା ଦ୍ୱାରା ଦିବ୍ୟଜ୍ୟୋତି ଲାଭ ହୋଇଥାଏ । ହୁଜୁର[ଅ.ସ] କୁହନ୍ତି; ଅତଃ ମୁଁ କିଛି ଅବଧି ପର୍ଯ୍ୟନ୍ତ ଉପବାସ କରିବାକୁ ସ୍ଥିର କଲି ଓ ଏଥି ସହିତ ଏକଥାକୁ ଗୋପନ ରଖିବାକୁ ଉତ୍ତମ ମଣିଲି । ସୁତରାଂ ମୁଁ ଆମ ପୁରୁଷ ବୈଠକ ଘରୁ ଖାଇବା ମଗାଉ ଥିଲି ଓ ତାହା କେତେକ ଅନାଥ ପିଲାଙ୍କ ମଧ୍ୟରେ ବଣ୍ଟନ କରିଦେଉଥିଲି । ହୁଜୁର[ଅ.ସ] କୁହନ୍ତି; ପରାକ୍ରମୀ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କାହାରିକୁ ମୋର ସେହି ଉପବାସ ସଂକ୍ରାନ୍ତରେ ଖବର ନଥିଲା । ପୁନଶ୍ଚ ଦୁଇ ତିନି ସପ୍ତାହ ପରେ ହୁଜୁର[ଅ.ସ] ନିଜ ଆହାର ଆହୁରି ହ୍ରାସ କରିଦେଇଥିଲେ ଅର୍ଥାତ୍ ଗୋଟିଏ ଦିନରେ କେବଳ ଗୋଟିଏ ରୋଟି ସେବନ କରୁଥିଲେ । ତା'ପରେ ହୁଜୁର ନିଜ ଭୋଜନର ମାତ୍ରାକୁ ଏତେ ହ୍ରାସ କରିଦେଇଥିଲେ ଯେ ତାହାକୁ ଜଣେ ଶିଶୁ ମଧ୍ୟ ସେବନ କରି ରହିପାରିବ ନାହିଁ । **ଏପରି ହୁଜୁର[ଅ.ସ] ଆଠ ନଅ ମାସ ପର୍ଯ୍ୟନ୍ତ ଉପବାସ କରିଥିଲେ** ।

ସେତେବେଳେ ଉପବାସର ଅଭୁତପୂର୍ବ ପ୍ରଭାବ ହୁଜୁର[ଅ.ସ] ସ୍ୱୟଂ ପରିଲକ୍ଷିତ କରିଥିଲେ । ହୁଜୁର[ଅ.ସ] କୁହନ୍ତି; ସେହି ଉପବାସର ପରିଣାମ ସ୍ୱରୂପ ଅନେକ ଅବତାର ଓ ଦିବ୍ୟପୁରୁଷଙ୍କ ସହିତ ମୋର ସାକ୍ଷାତ ହେଲା । ହୁଜୁର[ଅ.ସ] ଆହୁରି କୁହନ୍ତି; ଏକଦା ଜାଗ୍ରତ ଅବସ୍ଥାରେ ଏହି ବିନୀତ ନବୀଶ୍ରେଷ୍ଠଙ୍କ ସମେତ ତାଙ୍କ ଉଭୟ ନାତି ହସନ୍[ର.ଅ] ଓ ହୁସେନ୍[ର.ଅ] ତଥା ହଜରତ ଫାତିମା[ର.ଅ]ଙ୍କୁ ଦେଖିଲି ଏବଂ **ତାହା କୌଣସି ସ୍ୱପ୍ନ ନଥିଲା, ବରଂ ଏକ ଜାଗ୍ରତ ଅବସ୍ଥା ଥିଲା** । ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ଏକଦା ହୁଜୁର[ଅ.ସ] ଛାତ ଉପରୁ ତଳକୁ ଖସି ପଡିଲେ । ଯେତେବେଳେ ହୁଜୁର[ଅ.ସ]ଙ୍କ ଚେତା ଫେରିଲା, ତତ୍କ୍ଷଣାତ ପଚାରିଲେ କ'ଣ ନମାଜ୍ ସମୟ ହୋଇଗଲାଣି, ନା ନାହିଁ । ଅର୍ଥାତ୍ ନମାଜ୍ ପାଠ କରିବାକୁ ଆପଣ ଏତେ ଭଲ ପାଉଥିଲେ । ହଜରତ ମିର୍ ମୁହମ୍ମଦ ଇସମାଇଲ୍ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ମୋତେ ୧୮୯୫ ମସିହାର ପବିତ୍ର ରମଜାନ ମାସ ଧର୍ମପୀଠ କାଦିୟାନରେ ଅତିବାହିତ କରିବାର ଅବସର ମିଳିଲା । ଅତଏବ ମୁଁ ସମ୍ପୂର୍ଣ୍ଣ ମାସ ହୁଜୁର[ଅ.ସ]ଙ୍କ ପଛରେ ତହଜୁଦ୍ ଅର୍ଥାତ୍ ତରାୱି ନମାଜ୍ ପାଠ କଲି । ସେ କୁହନ୍ତି; ହୁଜୁର[ଅ.ସ] ୱିତର୍ ନମାଜ୍ ରାତ୍ରର ପ୍ରଥମ ପହରରେ ପାଠ କରି ନେଉଥିଲେ । ଆଉ ତରାୱି ନମାଜ୍ ରାତ୍ରର ଶେଷ ପହରରେ ଦୁଇ ଦୁଇ ରେକାତ୍ ଲେଖାଏଁ ପାଠ କରୁଥିଲେ ।

ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ହଜରତ ଅମ୍ମାଜାନ୍ ସାହେବାଃ[ର.ଅ]ଙ୍କ ମାଧ୍ୟମରେ ବର୍ଣ୍ଣନା କରନ୍ତି, ହଜରତ ମସିହ ମଉଦ[ଅ.ସ] ପାଞ୍ଚ ବେଳା ନମାଜ୍ ପାଠ କରିବା ବ୍ୟତୀତ ଦୁଇ ପ୍ରକାରର ନୱାଫିଲ୍ ନମାଜ୍ ପାଠ କରୁଥିଲେ । ଗୋଟିଏ ଇଶରାକ୍ ନମାଜ୍ ଯାହାକି ହୁଜୁର[ଅ.ସ] କେବେ କେବେ ପାଠ କରୁଥିଲେ ଓ ଦ୍ୱିତୀୟ ତହଜୁଦ୍ ନମାଜ୍‌ର ଆଠ ରେକାତ୍, ଯାହାକି ପୁଣ୍ୟଶ୍ଲୋକ ସର୍ବଦା ପାଠ କରୁଥିଲେ । ହଁ କଦାଚିତ ଆପଣ ଭୀଷଣ ବ୍ୟାଧିରେ ପୀଡ଼ିତ ହେଉଥିଲେ, ସେହି ନମାଜ୍ ପାଠ କରିପାରୁ ନଥିଲେ । କିନ୍ତୁ ଏପରି ଅବସ୍ଥାରେ ମଧ୍ୟ ହୁଜୁର[ଅ.ସ] ଶେଜରେ ଶୟନ କରିବା ଅବସ୍ଥାରେ

ଦୁଆ କରି ନେଉଥିଲେ । ନିଜର ଶେଷ ସମୟରେ ଯେତେବେଳେ ଦୁର୍ବଳତା ଯୋଗୁଁ (ଛିଡ଼ା ହୋଇ ନମାଜ୍ ପାଠ କରିବା କଷ୍ଟସାଧ ଥିଲା ସେତେବେଳେ ହୁଜୁର[ଅ.ସ]) ବସି କରି ଦୁଆ କରୁଥିଲେ ।

ହଜରତ ୟାକୁବ୍ ଅଲୀ ସାହେବ ଉଲ୍ଲେଖ କରନ୍ତି; ହୁଜୁର[ଅ.ସ] କେବଳ ନିଜ ପିତାଙ୍କ ଆଦେଶ ପାଳନ କରି ମକଦ୍ଦମାରେ ହାଜର ହେଉଥିଲେ । କିନ୍ତୁ ସେଠାରେ ଆପଣ ଏକଥା ପ୍ରତି ବିଶେଷ ଧ୍ୟାନ ରଖୁଥିଲେ, ଯେ ନମାଜ୍ ଯେପରି କଜା ନହେଉ । ହଜରତ ମସିହ ମଉଦ[ଅ.ସ]ଙ୍କ ସ୍ୱରରେ ଖୁବ୍ ଆତୁର ଓ ଦରଦ ଥିଲା । ହୁଜୁର[ଅ.ସ] ଅତି ମଧୁର କଣ୍ଠରେ ପବିତ୍ର କୁରଆନ ପାଠ କରୁଥିଲେ । କାରଣ ଆପଣ ପବିତ୍ର କୁରଆନ ଗ୍ରନ୍ଥ ଓ ସୁନ୍ନତ୍‌କୁ ଅତ୍ୟଧିକ ପ୍ରେମ କରୁଥିଲେ, ଆପଣଙ୍କ ଉପାସନା କଦାଚିତ୍ ହଜରତ ମୁହମ୍ମଦ[ସ.ଅ]ଙ୍କ ପଦାଙ୍କ ଅନୁସରଣ କରିବା ବିପରୀତ ନଥିଲା । ନମାଜ୍ ପାଠ କରିବା ବ୍ୟତୀତ ପବିତ୍ର କୁରଆନର ଆବୃତ୍ତି କରିବା, ଦରୁଦ୍ ଶରିଫ୍ ପାଠ କରିବା ଓ କ୍ଷମାଯାଚନା କରିବା ଥିଲା । ଦିବାରାତ୍ରରେ ବସିବା, ଉଠିବା ଓ ଚଳପ୍ରଚଳ ଆଦି ପ୍ରତ୍ୟେକ ଅବସ୍ଥାରେ ହୁଜୁର[ଅ.ସ] ପବିତ୍ର କୁରଆନ ହିଁ ପାଠ କରୁଥିଲେ ଏବଂ ଅହେତୁକ ରୋଦନ କରୁଥିଲେ । ନମାଜ୍ ପାଠ କରିବା ପାଇଁ ଯେତେବେଳେ ହଜରତ ମସିହ ମଉଦ[ଅ.ସ] ମସଜିଦ୍ ଯାଇପାରୁ ନଥିଲେ, ସେତେବେଳେ ନିଜ ଗୃହରେ ହିଁ ସାମୂହିକ ନମାଜ୍ ପାଠ କରୁଥିଲେ । ଆଉ ଏପରି ଅବସ୍ଥାରେ ଅଧିକାଂଶ ସମୟରେ ହୁଜୁର[ଅ.ସ] ଆମ ମାତାଙ୍କୁ ନିଜ ସହିତ ସାମିଲ କରି ନେଉଥିଲେ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ଶେଖ୍ ୟାକୁବ୍ ଅଲୀ ସାହେବ ଇର୍‌ଫାନୀ ସାହେବ[ର.ଅ] ହୁଜୁର[ଅ.ସ]ଙ୍କ ଶୈଶାବସ୍ଥା ସମ୍ପର୍କରେ ବର୍ଣ୍ଣନା କରନ୍ତି, ହୁଜୁର[ଅ.ସ] ନିଜ ସମବୟସ୍କ କନ୍ୟା, ଯାହାଙ୍କ ସହିତ ପରବର୍ତ୍ତୀ ସମୟରେ ଆପଣଙ୍କର ବିବାହ ହୋଇଥିଲା, ତାଙ୍କୁ ଦୁଆ କରିବାକୁ କହିଲେ; ହେ ହତଭାଗୀନୀ ! ଦୁଆ କର, ଈଶ୍ୱର ମୋତେ ନମାଜ୍ ପାଠ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଏହି ଉକ୍ତିରୁ ଜଣା ପଡୁଛି, ଯେ ଅତି ସ୍ୱଳ୍ପ ବୟସରୁ ହିଁ ହୁଜୁର[ଅ.ସ]ଙ୍କ ଭାବବେଗ ଅତି ନିର୍ମଳ ଓ ପବିତ୍ର ଥିଲା । ହୁଜୁର[ଅ.ସ] କୁହନ୍ତି; ମୁଁ ପିଲାବେଳୁ ରୋଜା ରଖିବାରେ ଅଭ୍ୟସ୍ତ ଥିଲି... ମୁଁ ପିଲାବେଳେ ସମ୍ପୂର୍ଣ୍ଣ ୨୯ ଗୋଟି ରୋଜା ରଖିଥିଲି ଏବଂ ସେହି ଦିନ ମୋର ଆନନ୍ଦ ଉତ୍ସାହର ଇଦ୍ ଥିଲା । କାରଣ ରୋଜା ରଖିବାରେ ବିଶେଷ କଲ୍ୟାଣ ଲାଭ ହୋଇଥାଏ । **ଯେପରି ପ୍ରତ୍ୟେକ ଫଳର ଭିନ୍ନ ସ୍ୱାଦ ରହିଥାଏ, ଠିକ୍ ସେହିପରି ପ୍ରତ୍ୟେକ ଉପାସନାରୁ ପୃଥକ ଆନନ୍ଦ ଓ ଆତ୍ମସନ୍ତୋଷ ଲାଭ ହୋଇଥାଏ ।** କାରଣ ଏହି ଉପାସନାରେ ଆଧାତ୍ମିକତା ରହିଛି । ଯାହାକୁ ମନୁଷ୍ୟ ନିଜ ଭାଷାରେ ପରିପ୍ରକାଶ କରିବା ସମ୍ଭବ ନୁହେଁ । ତେଣୁ ମନୁଷ୍ୟ ପାଇଁ ଆବଶ୍ୟକ କି ସେ ଅତି ଆତୁର ଓ ବିନୟ ଆତ୍ମାର ସହିତ ବହିଯିବା ଜଳ ସଦୃଶ ଉପାସନାରେ ନିଜ ପାଳନକର୍ତ୍ତାଙ୍କୁ ସାକ୍ଷାତ କରୁ ।

ହଜରତ ପୀର୍ ସିରାଜୁଲ୍ ହକ୍ ସାହେବ[ର.ଅ] ମିଆଁ ଜାନ୍ ମୁହମ୍ମଦ[ର.ଅ]ଙ୍କ ଜନାଯାଃ ନମାଜ୍ ସମ୍ବନ୍ଧରେ ବର୍ଣ୍ଣନା କରନ୍ତି, ହଜରତ ମସିହ ମଉଦ[ଅ.ସ]ଙ୍କର ତାଙ୍କ ସହ ଅତି ଘନିଷ୍ଟ ସମ୍ପର୍କ ଥିଲା ଓ ହୁଜୁର[ଅ.ସ] ତାଙ୍କୁ ଖୁବ୍ ଭଲ ପାଉଥିଲେ । ଅତଃ ହୁଜୁର[ଅ.ସ] ତାଙ୍କର ଜନାଯାଃ ନମାଜ୍ ପାଠ କରାଇଲେ ଓ ଏତେ ଦୀର୍ଘ ସମୟ ପାଠ କରାଇଲେ ଯେ ମୁକ୍‌ତଦୀ (ଇମାମ୍‌ଙ୍କ ପଛରେ ନମାଜ୍ ପାଠକାରୀ)ଙ୍କ ଗୋଡ ଦରଜ

କରିବାକୁ ଲାଗିଲା । ଆଉ ମୋ ଅବସ୍ଥା ମଧ୍ୟ ବିଗିଡି ଗଲା । ଯେତେବେଳେ ଆମେ ଜନାଯାଃ ନମାଜ୍ ପାଠ କରି ଘରକୁ ଫେରିଲୁ ସେତେବେଳେ କେହି ଜଣେ ପଚାରିଲେ ହୁଜୁର ! ଏତେ ଦୀର୍ଘ ସମୟ ପର୍ଯ୍ୟନ୍ତ ନମାଜ୍ ଜନାଯାଃ ପାଠ କରାଇଲେ ଯେ ଆମେମାନେ ତ ଥକି ପଡିଲୁ, ଆପଣଙ୍କୁ ମଧ୍ୟ ବହୁତ କଷ୍ଟ ହୋଇଥିବ । ସେଥିରେ ହୁଜୁର[ଅ.ସ] କହିଲେ; ଆମେ ତ ଅଲ୍ଲାଃଙ୍କ ଛାମୁରେ ଦୁଆ କରୁଥିଲୁ, ଏଥିରେ ଆମେ ଥକିବାର ପ୍ରଶ୍ନ ଉଠୁଛି କେଉଁଠୁ । ଆଉ ତାଙ୍କ ସମକ୍ଷରେ ଆମ୍ଭେ ଏହି ମୃତକଙ୍କ ପାଇଁ କ୍ଷମାଯାଚନା କରୁଥିଲୁ । କ'ଣ କେବେ ଭିକ୍ଷାକାରୀ ବି ଥକିପଡେ ? **ମନେରଖ ! ଯିଏ ଥକିପଡେ ସେ ବଞ୍ଚିତ ରହିଯାଏ** । ଆମେମାନେ ଭିକ୍ଷାକାରୀ ଓ ସେ (ଅବିନେଶ୍ୱର ପ୍ରଭୁ) ଦାତା ତେବେ (ଆମେ) ଥକିବା କେମିତି ? ଦେଖ ଯାହା ଠାରୁ ନିମିତ ମାତ୍ର ପାଇବାର ଆଶା ଥାଏ, ତାହା ନିକଟରେ ତ ଭିକ୍ଷାକାରୀ ଦୃଢ଼ ଭାବରେ ବସି ପଡିଥାଏ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ ଏହି ଭାବନା ପୋଷଣ କରି ନମାଜ୍ ପାଠ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମେ ତ ଏହି ସର୍ତ୍ତରେ ହଜରତ ମସିହ ମଉଦ[ଅ.ସ]ଙ୍କର ବୈଅତ୍ କରିଛେ, ଯେ ଆମେମାନେ ଅଲ୍ଲାଃ ଓ ତାହାଙ୍କ ପ୍ରିୟ ରସୁଲଙ୍କ ଆଦେଶାନୁଯାୟୀ ନମାଜ୍ ପାଠ କରିବୁ । ସେହି ପରମ ଶକ୍ତିଶାଳୀ ଈଶ୍ୱରଙ୍କ ଦୟା ଓ ଅନୁକମ୍ପାଗୁଡ଼ିକୁ ମନେପକାଇ ତାଙ୍କର ପ୍ରଶଂସା ଗାନ କରି ନମାଜ୍ ପାଠ କରିବୁ । ଅଲ୍ଲାଃତାଲା ଆମମାନଙ୍କୁ ଏହି ପ୍ରତିଜ୍ଞା ପୂରଣ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଦୁଇଜଣ ମୃତକଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଓ ସେମାନଙ୍କ ନମାଜ୍ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ । ଆଉ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

13th February 2026

*Translated to Odia by :* Moulavi Anwar Ahmad Khan